ଫର୍ମ – III

[ନିୟମ – ୫(୪) ଦ୍ରଷ୍ଟବ୍ୟ]

# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

ଲିଜ ମିସ୍ କେସ୍ ନଂ. ୦୫/୨୦୧୮

## ସର୍ବସାଧାରଣ ନୋଟିସ୍

ଏତତ୍ ଦ୍ୱାରା ମୌଜା – ଗୋଳାବନ୍ଧ, ଥାନା - ଗୋପାଳପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର ଖାତାକୁ "ଆବାଦ ଅଯୋଗ୍ୟ ଅନାବାଦୀ" ରୁ "ଆବାଦ ଯୋଗ୍ୟ ଅନାବାଦୀ" ଓ କିସମକୁ "ପତିତ" ରେ ପରିଣତ କରି ପ୍ରତିରକ୍ଷା ମନ୍ତ୍ରାଳୟ (ବିଭାଗ), ଭାରତ ସରକାରଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସ୍ଥିରୀକୃତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ / ଖାତାଦାର | ପ୍ରସ୍ତାବିତ କିସମ/ ଖାତାଦାର |
|---|---|---|---|---|---|---|
| ଗୋଳାବନ୍ଧ | ୭୫୨ | ୨୨୫ | ୨.୨୦୦ | ୨.୨୦୦ | ପଥରବଣି / ଆବାଦ ଅଯୋଗ୍ୟ ଅନାବାଦୀ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୨୨୬ | ୦.୯୮୦ | ୦.୯୮୦ | ପଥରବଣି / ଆବାଦ ଅଯୋଗ୍ୟ ଅନାବାଦୀ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ମୋଟ | ୩.୧୮୦ | ୩.୧୮୦ | | |

30/8/25

ତହସିଲଦାର, କନିଷି

ପରିପତ୍ର ସଂଖ୍ୟା- 1/012/   ତାରିଖ- 30.8.25

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ଗୋପାଳପୁରଙ୍କ ଦ୍ୱାରା ମୌଜା- ଗୋଳାବନ୍ଧର ପ୍ରକାଶ୍ୟ ସ୍ଥାନରେ ଢେଙ୍ଗୁରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୋଳାବନ୍ଧର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

30/8/25

ତହସିଲଦାର, କନିଷି

Scanned with OKEN Scanner